ଏମ. ଏମ. ଡିଗ୍ରୀ ମହାବିଦ୍ୟାଳୟର ପରିଚାଳନା କମିଟି, ମୋଦି ନଗର

ବନାମ

ଉପ କୁଳପତି, ମିରଟ ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟମାନେ

ମାର୍ଚ୍ଚ 17, 1997

[କେ. ରାମସ୍ୱାମୀ ଏବଂ ଜି. ଟି. ନାନାବତୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ଚାକିରିରୁ ଅପସାରଣ- ପରିସଂଖ୍ୟାନ ବିଭାଗର ମୁଖ୍ୟ- କଲେଜ ପରିଚାଳନାବର୍ଗର ପୂର୍ବାନୁମୋଦନ ସହିତ ଏକ ବର୍ଷ ପାଇଁ ବିଦେଶୀ ଭାରାର୍ପିତ କାର୍ଯ୍ୟରେ ଯାଇଥିଲେ- ନିର୍ଦ୍ଧାରିତ ଅବଧି ସମାପ୍ତ ହେବା ପରେ ପରିଚାଳନାବର୍ଗ ଶିକ୍ଷକଙ୍କୁ କାର୍ଯ୍ୟରେ ଯୋଗ ଦେବାକୁ କହିଥିଲେ- ସେ ଯୋଗ ଦେଇନଥିଲେ- ଶିକ୍ଷକଙ୍କ ଅନଧିକାର ଅନୁପସ୍ଥିତିର ତଦନ୍ତ କରାଗଲା- ସେ ଅଂଶଗ୍ରହଣ କରିନଥିଲେ- କୁଳପତିଙ୍କ ନିଶ୍ଚିତୀକରଣ ସାପେକ୍ଷରେ ପରିଚାଳନାବର୍ଗ ତାଙ୍କୁ ବରଖାସ୍ତ କରିଥିଲେ- ଶିକ୍ଷକଙ୍କୁ ଏକ ସୁଯୋଗ ଦେବାକୁ ପରିଚାଳନାବର୍ଗକୁ କୁଳପତି କହିଥିଲେ- ପରିଚାଳନାବର୍ଗ ଦ୍ୱାରା ଶିକ୍ଷକଙ୍କୁ ସୂଚନା ପଠାଯାଇଥିଲା- ପରେ ଯେତେବେଳେ ସେ ଭାରତ ଆସିଥିଲେ ତାଙ୍କୁ କାର୍ଯ୍ୟରେ ଯୋଗ ଦେବାକୁ ଅନୁମତି ଦିଆଯାଇନଥିଲା- ସେ ରିଟ ଆବେଦନ ଦାଖଲ କରିଥିଲେ - ଉଚ୍ଚ ନ୍ୟାୟାଳୟ ଏହି ଆବେଦନକୁ ମଞ୍ଜୁର କରି କହିଥିଲେ ଯେ ଯେହେତୁ ପୂର୍ବରୁ ବରଖାସ୍ତର ଅନୁମୋଦନ ଦିଆଯାଇନଥିଲା, ତେଣୁ କୁଳପତିଙ୍କ ଆଦେଶର ସମୀକ୍ଷା କରିବା ଏବଂ ସମାପ୍ତି ପାଇଁ ମଞ୍ଜୁରୀ ପ୍ରଦାନ କରିବାର କୌଣସି କ୍ଷମତା ନଥିଲା- କୁହାଗଲା, ପରିଚାଳନାବର୍ଗ ଦ୍ୱାରା ଅନୁରୋଧ କରାଯାଇଥିବା ଅନୁମୋଦନ ବିଦେଶୀ କାର୍ଯ୍ୟର ଅବଧି ସମାପ୍ତ ହେବା ପରେ ହୋଇଥିଲା- ତେଣୁ ଶିକ୍ଷକ ଅନଧିକାର ଭାବରେ କାର୍ଯ୍ୟରୁ ଅନୁପସ୍ଥିତ ରହିଥିଲେ - ଶିକ୍ଷକଙ୍କୁ ଚାକିରୀରୁ ବରଖାସ୍ତ କରିବା ପାଇଁ କୁଳପତିଙ୍କ ଅନୁମୋଦନ ଏକ ପୂର୍ବ ସର୍ତ୍ତ ଏବଂ କୁଳପତି ଶିକ୍ଷକଙ୍କୁ ଯୋଗ ଦେବା ପାଇଁ ଆଗକୁ ସୁଯୋଗ ଦେବା ପାଇଁ ନିର୍ଦ୍ଦେଶ ଦେଇ ଏହି ଆଦେଶ ପାରିତ କରିଥିଲେ – କାର୍ଯ୍ୟରେ ଯୋଗ ଦେବାକୁ ଶିକ୍ଷକଙ୍କ ବିଫଳତା ଉପରେ, କୁଳପତିଙ୍କ ଅନୁମୋଦନ ମଞ୍ଜୁର ହୋଇଥିଲା- ଏ'ପରି ପରିସ୍ଥିତିରେ, ଆଇନ ଅନୁସାରେ ଶିକ୍ଷକଙ୍କୁ ଚାକିରୀରୁ ହଟାଇବା ।*

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 2548/1997

ସି.ଏମ.ଡବ୍ଲ୍ୟୁ.ପି. ସଂଖ୍ୟା 9343/1981 ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର ତା 8.1.95 ରିଖ ରାୟ ତଥା ଆଦେଶରୁ

ଆବେଦନକାରୀଙ୍କ ପକ୍ଷରୁ ଡି. କେ. ଗର୍ଗ ।

ପ୍ରତିବାଦୀମାନଙ୍କ ପକ୍ଷରୁ ଗୁଡୱିଲ ଇନ୍ଦୀବର, କେ. ଏନ. ବାଲଗୋପାଳ, ଏ. ପି. ମୁକୁନ୍ଦ, ବି. ପି. ସିଂହ ଏବଂ ଆର. ଜି. ଜେମ୍ସ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ମଞ୍ଜୁର କରାଗଲା । ଆମ୍ଭେ ଉଭୟ ପକ୍ଷଙ୍କ ଶ୍ରୀମାନ ଓକିଲମାନଙ୍କୁ ଶୁଣିଛୁ ।

ତୃତୀୟ ପ୍ରତିବାଦୀ, ଡକ୍ଟର ବି. ଏସ. ଗୋୟଲ, ମୋଦୀନଗରର ଏମଏମଡି ଡିଗ୍ରୀ ମହାବିଦ୍ୟାଳୟରେ ପରିସଂଖ୍ୟାନ ବିଭାଗର ମୁଖ୍ୟ ଭାବେ କାର୍ଯ୍ୟ କରୁଥିବାବେଳେ, ଏକ ବର୍ଷ ପାଇଁ ଇରାକର ବସ୍ରା ବିଶ୍ୱବିଦ୍ୟାଳୟରେ ବୈଦେଶିକ ଭାରାର୍ପିତ କାର୍ଯ୍ୟରେ ଯାଇଥିଲେ । ପରବର୍ତ୍ତୀ କାଳରେ, ତା 20 ଅଗଷ୍ଟ 1979 ରିଖରେ ପରିଚାଳନା କମିଟି ଦ୍ୱାରା ଏକ ଚିଠି ଲେଖାଯାଇଥିଲା ଯେଉଁଥିରେ ତୃତୀୟ ପ୍ରତିବାଦୀଙ୍କୁ କାର୍ଯ୍ୟରେ ଯୋଗ ଦେବାକୁ ଅନୁରୋଧ କରାଯାଇଥିଲା । ଯେହେତୁ ସେ କାର୍ଯ୍ୟରେ ଯୋଗ ଦେଇନଥିଲେ, ପରିଚାଳନା କମିଟି କାର୍ଯ୍ୟରୁ ଅନଧିକାର ଅନୁପସ୍ଥିତି ରହିବା ଉପରେ ତଦନ୍ତ କରିବାକୁ ଏକ ସଂକଳ୍ପ ପାରିତ କରିଥିଲା । 27.2.1980 ରେ, ଏକ ଚିଠି ଆକାରରେ ଏକ ଆରୋପପତ୍ର ପ୍ରତିବାଦୀ ସଂଖ୍ୟା 3 କୁ ପଠାଯାଇଥିଲା । ସେ ତଦନ୍ତରେ ଭାଗ ନେଇନଥିଲେ । ତଦନ୍ତ ଅଧିକାରୀ 19.6.1980 ରେ ତାଙ୍କ ବିବୃତି ଦାଖଲ କରିଥିଲେ । ପରିଚାଳନା କମିଟି, ବିବୃତି ଉପରେ ବିଚାର କରିବା ପରେ, କୁଳପତିଙ୍କ ଦ୍ୱାରା ନିଶ୍ଚିତୀକରଣ ସାପେକ୍ଷରେ 31.7.1980 ରେ ତୃତୀୟ ପ୍ରତିବାଦୀଙ୍କୁ ବରଖାସ୍ତ କରିଥିଲେ । କୁଳପତି ତାଙ୍କ ତା 19.12.1980 ରିଖର ଚିଠିରେ ଦର୍ଶାଇଛନ୍ତି ଯେ ଯେହେତୁ ତୃତୀୟ ପ୍ରତିବାଦୀ ବୈଦେଶିକ ଭାରାର୍ପିତ କାର୍ଯ୍ୟରେ ଯାଇଥିଲେ, ଆବେଦନକାରୀ ପରିଚାଳନାବର୍ଗ ଦ୍ୱାରା ଦିଆଯାଇଥିବା ଅନୁମୋଦନ ସହିତ, ପ୍ରତିବାଦୀଙ୍କୁ କାର୍ଯ୍ୟରେ ଯୋଗ ଦେବାକୁ ସୁଯୋଗ ନ ଦେଇ କାର୍ଯ୍ୟ ସମାପ୍ତି ଉଚିତ ନୁହେଁ । ତଦନୁସାରେ, ତୃତୀୟ ପ୍ରତିବାଦୀ ବିଶ୍ୱବିଦ୍ୟାଳୟକୁ ନିମ୍ନମତେ ସମୁଦ୍ରସ୍ଥ ତାର ଯୋଗେ ଏକ ତାରବାର୍ତ୍ତା ପଠାଯାଇଥିଲା:

> "20.1.198 ରେ, ବିଶ୍ୱବିଦ୍ୟାଳୟ ତାଙ୍କୁ ତାଙ୍କ ବସ୍ରା ଠିକଣାରେ ସମୁଦ୍ରସ୍ଥ ତାର ଯୋଗେ ଏକ ତାରବାର୍ତ୍ତା ପଠାଇଥିଲା ଏବଂ ଉପରୋକ୍ତ ସମୁଦ୍ରସ୍ଥ ତାର ଯୋଗେ ତାରବାର୍ତ୍ତାର ନିଶ୍ଚିତୀକରଣ ପାଇଁ ଏକ ନକଲ ମଧ୍ୟ ପଠାଇଥିଲା ଯେ ସେ ତୁରନ୍ତ ଏବଂ ଅତି ବେଶୀରେ 15 ଫେବୃଆରୀ, 1981 ସୁଦ୍ଧା ଏମ. ଏମ. କଲେଜ, ମୋଦୀ ନଗର (ଗାଜିଆବାଦ) ରେ ନିଶ୍ଚିତରୂପେ ଯୋଗଦେବା ଉଚିତ, ଯଦି ନ କଲେ କୁଳପତି ଏହି ମାମଲାରେ ସମାପ୍ତି ପ୍ରକ୍ରିୟାକୁ ଅନୁମୋଦନ କରିବେ ।"

ଏହା ସ୍ୱୀକାରଯୋଗ୍ୟ ଯେ ତୃତୀୟ ପ୍ରତିବାଦୀ ଡକ୍ଟର ବି. ଏସ. ଗୋୟଲ ନିର୍ଦ୍ଧାରିତ ସମୟ ସୁଦ୍ଧା କାର୍ଯ୍ୟରେ ଯୋଗ ଦେଇନଥିଲେ । ପରିଣାମସ୍ୱରୂପ ପରବର୍ତ୍ତୀ ସମୟରେ ଯେତେବେଳେ ସେ ଭାରତ ଆସିବା ପରେ କାର୍ଯ୍ୟରେ ଯୋଗଦାନ କଲେ ସେତେବେଳେ ତାଙ୍କୁ କାର୍ଯ୍ୟକୁ ନିଆଯାଇନଥିଲା । ସେ ଉଚ୍ଚ ନ୍ୟାୟାଳୟରେ ଏକ ରିଟ ଆବେଦନ ଦାଖଲ କରିଥିଲେ । ଉଚ୍ଚ ନ୍ୟାୟାଳୟ, 8 ଜାନୁୟାରୀ, 1996 ରେ, ରିଟ ଆବେଦନ ସଂଖ୍ୟା 9343/81 ରେ ଆକ୍ଷେପିତ ଆଦେଶରେ କହିଛନ୍ତି ଯେ ଯେହେତୁ ବରଖାସ୍ତର ମଞ୍ଜୁରୀ ପୂର୍ବରୁ ଦିଆଯାଇନଥିଲା, ତେଣୁ ଆଦେଶର ସମୀକ୍ଷା କରିବାକୁ ଏବଂ ତା 21.2.1981 ରିଖ କାର୍ଯ୍ୟାନୁଷ୍ଠାନ ଦ୍ୱାରା କାର୍ଯ୍ୟ ସମାପ୍ତି ପାଇଁ ମଞ୍ଜୁରୀ ଦେବାକୁ କୁଳପତିଙ୍କର କୌଣସି କ୍ଷମତା ନାହିଁ ।

ଆମ୍ଭେ ଦେଖୁଛୁ ଯେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ମତ ଠିକ୍ ନୁହେଁ । ତୃତୀୟ ପ୍ରତିବାଦୀଙ୍କ ଚାକିରୀରୁ ଅନୁପସ୍ଥିତି ପାଇଁ ଆବେଦନକାରୀଙ୍କ ଦ୍ୱାରା ଲୋଡ଼ାଯାଇଥିବା ଅନୁମୋଦନ ବୈଦେଶିକ ଭାରାର୍ପିତ କାର୍ଯ୍ୟର ଅବଧି ସମାପ୍ତ ହେବାପରେ ଥିଲା । ସୁତରାଂ, ଅପରିହାର୍ଯ୍ୟରୂପେ, ସେ ଅନଧିକାର ଭାବରେ କାର୍ଯ୍ୟରୁ

ଅନୁପସ୍ଥିତ ରହିଥିଲେ । ଶିକ୍ଷକଙ୍କୁ ଚାକିରୀରୁ ବରଖାସ୍ତ କରିବା ପାଇଁ କୁଳପତିଙ୍କ ଅନୁମୋଦନ ଏକ ପୂର୍ବ ସର୍ତ୍ତ ଏବଂ କୁଳପତି ଯୋଗ ଦେବା ପାଇଁ ଆହୁରି ସୁଯୋଗ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ତା 15.2.1981 ରିଖର ଚିଠିଟି ଏକ ସର୍ତ୍ତମୂଳକ ଚିଠି । ସେ କାର୍ଯ୍ୟରେ ଯୋଗ ଦେବାକୁ ବିଫଳ ହେବା ପରେ କୁଳପତିଙ୍କ ଅନୁମୋଦନ ଗ୍ରହଣ କରାଯାଇଥିଲା । ଏହି ପରିସ୍ଥିତି ଅଧୀନରେ ପ୍ରତିବାଦୀଙ୍କ ଚାକିରୀରୁ ଅପସାରଣ ତଦନୁସାରେ ଆଇନାନୁଯାୟୀ ଅଟେ ।

ତଦନୁସାରେ ଆବେଦନକୁ ମଞ୍ଜୁରୀ ଦିଆଯାଉଛି । ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ପାଲଟା ଯାଉଛି । ରିଟ ଆବେଦନକୁ ଖାରଜ କରାଯାଉଛି । କୌଣସି ବାବଦ ଖର୍ଚ୍ଚ ନାହିଁ ।

ଆର. ପି.

ଆବେଦନକୁ ମଞ୍ଜୁରୀ ଦିଆଯାଉଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**